**ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ**

**ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ**

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୪୯,ବୁଲେଟିନ ନମ୍ବର- ୯୮ ,ତାରିଖ : ୦୮।୧୨।୨୦୨୩ ,ଶୁକ୍ର ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୯.୧୨.୨୦୨୩ –୧୩.୧୨.୨୦୨୩ ,ଶନି ବାର - ବୁଧ ବାର  ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଅତି ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୨୪–୨୯ ◦C)ମଧ୍ୟରେ ରହିବାର ସମ୍ଭାବନା ରହିଛି  ଓ ସର୍ବନିମ୍ନ ତାପମାତ୍ରା (୧୪ -୧୭ ◦C ) ମଧ୍ୟରେ ରହିବାର ସମ୍ଭାବନା ରହିଛି । ଆଗମି ସପ୍ତାହ ରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୫୯–୯୪ %) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୨୯–୬୯ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୦୯ -୧୨-୨୦୨୩ | ୨ | ୨୪ | ୧୭ | ୫ | ୯୪ | ୬୯ | ୪ | ୧୫୮ |
| | ୧୦-୧୨-୨୦୨୩ | ୦ | ୨୬ | ୧୬ | ୪ | ୮୪ | ୪୭ | ୫ | ୬୮ |
| | ୧୧-୧୨-୨୦୨୩ | ୦ | ୨୯ | ୧୫ | ୧ | ୬୯ | ୪୨ | ୫ | ୬୩ |
| | ୧୨-୧୨-୨୦୨୩ | ୦ | ୨୮ | ୧୪ | ୨ | ୫୯ | ୩୪ | ୫ | ୯୦ |
| | ୧୩-୧୨-୨୦୨୩ | ୦ | ୨୮ | ୧୪ | ୩ | ୬୦ | ୨୯ | ୪ | ୧୦୫ |

**କୃଷି ପାଣିପାଗ ଉପଦେଶ**

**ସାଧାରଣ ପରାମର୍ଶ :** ଅମଳ ହୋଇଥିବା କୃଷିଜାତ ଦ୍ରବ୍ୟକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଇଦିଅାନ୍ତୁ ।  ଯେଉଁମାନେ ଅମଳ କରିବେ ପାଣିପାଗ ସ୍ୱଷ୍ଟ ହେବାପର୍ଯନ୍ତ ଅମଳକୁ ସ୍ଥଗିତ ରଖିବେ ।

ପନିପରିବା ତଥା ରବି ଫସଲରେ ଜଳନିଷ୍କାସନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ । ବାଇଗଣ,ବିଲାତିବାଇଗଣ,ଫୁଲକୋବି,ବନ୍ଧାକୋବି,ବ୍ରୋକୋଲି ଓ କ୍ୟାପ୍ସିକମ ଆଦିଫସଲତଳିଘେରାରେଧଳା ଜରି ବାଉଁଶ ଡେରାଦେଇ ଘୋଡାଇ ବର୍ଷାଦାଉରୁ ରକ୍ଷାକରନ୍ତୁ ।

**ଡାଲୁଅଧାନ :**ଡାଲୁଅ ଧାନର ଉନ୍ନତ ଓ ସହଜ କିସମ ମଧ୍ୟରେ ରହିଛି ପାରିଜାତ ଖଣ୍ଡଗିରି ଯୋଗେଶ ସିଦ୍ଧାନ୍ତ ମନ୍ଦାକିନୀ ପଥରା ଓ ଜ୍ୟୋତିର୍ମୟୀ ଅନ୍ୟତମ ଅଟେ ମଧ୍ୟମ କିସମଗୁଡିକ ହେଲା ଲଲାଟ ତପସ୍ୱିନୀ ମନସ୍ୱିନୀ ନବୀନ ଏସଟିୟୁ - ୧୦୦୦

ଏହିମାସ ଶେଷସୁଦ୍ଧା ଡାଲୁଅଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ ତଳି ପକାଇବାପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ

**ଚିନାବାଦାମ:** ଧରଣୀ, କାଦରୀ-୯, ଟିଏଜି-୨୪, କଳିଙ୍ଗ ଚିନାବାଦାମ ଭଳି ଭଲ କିସମ ସଙ୍ଗ୍ରହ କରନ୍ତୁ। ବିହନ ହାର ହେଉଛି ୫୦ କିଲୋ ବିହନ/ଏସି। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ ୩୦ ଗ୍ରାମ/କି.ଗ୍ରା. ବିହନରେ ଫଙ୍ଗିନାଶକ ଚିକିତ୍ସା କରିବା ପରେ ବିହନର ଚିକିତ୍ସା କରନ୍ତୁ। ବ୍ୟବଧାନ ହେଉଛି ୩୦ ଓ ୧୦ ସେ.ମି.। ଅନ୍ତିମ ଜମି ପ୍ରସ୍ତୁତି ପରେ ୨ ଟି ଏଫ୍.ଵାଇ.ଏମ୍, ୧୦୦ କେ.ଜି ଜିପ୍ସମ୍, ୪ କେ.ଜି ୟୁରିଆ, ୩୫କେ.ଜି ଡି.ଏପି ଏବଂ ୨୬ କେ.ଜି ପୋଟାସକୁ ବେସାଲ୍ ଡୋଜ୍ ଭାବରେ ପ୍ରୟୋଗ କରନ୍ତୁ।

**ପିଆଜ-**ପିଆଜ ତଳି ପ୍ରସ୍ତୁତ କରିବାସମୟରେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ ତଳିପଟାଳି ଜମିଠାରୁ ୬ ଇଞ୍ଚଉଚ୍ଚ୧ ମିଟର ଓସାର ଏବୌଁ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ ।

୨୦କିଗ୍ରା ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କିଗ୍ରା ଟ୍ରାଇକୋଡର୍ମା ଭିରିଡେ ଜୀବଣୁସାର ଭଲଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ ଘୋଡାଇ ରଖି ତଳିପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡିରେ ବୁଣନ୍ତୁ ।

ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ ତଳି ୮-୧୦ ସପ୍ତାହର ହୋଇଯାଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କିଗ୍ରା ବିହନ ଆବଶ୍ୟକ ଅଟେ ପିଆଜର ଅଧିକ ଅମଳକ୍ଷମ ବିହନ ଗୁଡିକ ହେଲା ଏଗ୍ରି ଫାଉଣ୍ଡ ଲାଇଟ ରେଡ,ଏନ -୫୩,ଭୀମା ସୁପର ଓ ଭୀମା ଶକ୍ତି ।

**ଆଳୁ :**ଆଳୁ ଫସଲ ୨-୩ ସପ୍ତାହ ର ହୋଇଯାଇଥିଲେ ପ୍ରଥମ କୋଡାଖୁସା କରି ହୁଡା ଟେକିଦିଅନ୍ତୁ ।

ଏହି ସମୟରେ ୫୦ କିଗ୍ରା ଯବକ୍ଷାରଜାନ ୬୦ କିଗ୍ରା ପଟାସ ଆଳୁ ଗଛରେ ଧାଡିରେ ଦୁଇପାଖରେ ୭-୧୦ ସେମି ଦୂରତାରେ ୨-୩ ସେମି ଗଭୀରରେ ପ୍ରୟୋଗ କରନ୍ତୁ ।

ଆଳୁ ଫସଲରେ ସଅଳ ପତ୍ରପୋଡା  ରୋଗରୁ ରକ୍ଷା ପାଇବାପାଇଁ ହେକ୍ଟର ପ୍ରତି ୧.୫ କିଗ୍ରା ମାଙ୍କଜେବ କୁ ୫୦୦ ଲିଟର ପାଣିରେ ମିଶାଇ ଆଳୁ ଗଛରେ ଭଲଭାବରେ ସିଞ୍ଚନ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ ବା ୧୫୦୦ ମିଲି ଟ୍ରିବୁଲିନ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ବିଲାତି ବାଇଗଣ :** ଭଲ କିସମ ହେଉଛି ସ୍ୱର୍ଣ୍ଣ ସମ୍ପଦ, ଅର୍କ ରକ୍ଷକ, ଅର୍କ ସମ୍ରାଟ। ଉନ୍ନତମାନର ଚାରାକୁ 60 ସେଣ୍ଟିମିଟର ଓ 45 ସେଣ୍ଟିମିଟର ଉଚ୍ଚତାରେ ରୋପଣ କରନ୍ତୁ। କ୍ଷେତ ପ୍ରସ୍ତୁତି ସମୟରେ ନିମ୍ବ ପିଠା 1 ଟନ୍/ଏସି ଏବଂ ଏଫ୍.ଏମ୍/ଏସି ର 4 ଟନ୍ ପ୍ରୟୋଗ କରନ୍ତୁ।

**ଫଳବଗିଚା -** ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ ,ରାସାୟନିକ ସାର ସହିତ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।  ପୁରୁଣା ଗଛକୁ କାଣ୍ଟ ଛାଣ୍ଟ କରନ୍ତୁ ଉଈ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

**ବାଇଗଣ :**ବାଇଗଣ ରେ କାଣ୍ଡ ଓ ଫଳବିନ୍ଧା ପୋକର ଦମନ ପାଇଁ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ ପି ପି ଏମ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୫ ଗ୍ରାମ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :**ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ ,ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତିଦିଅନ୍ତୁ ଏବୌଁ ଏକର ପ୍ରତି ୨୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ

**କୁକୁଡ଼ା ପାଳନ :**ଅଧିକ ଅଣ୍ଡା ଓ ମାଂସ ପାଇଁ ଗାଁ ଗହଳିର ବାଡିବାଗିଚାରେ ବନରାଜା ,ଗ୍ରାମପ୍ରିୟ ଓ ପଲ୍ଲୀରଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

**ମାଛ ଚାଷ :** ପୋଖରୀ ଭିତରକୁ ଗେଣ୍ଡା ଚଢେଇ ଓ କପୋତମାନର ପ୍ରବେଶକୁ ରୋକାଯିବା ଉଚିତ ଏହାଦ୍ବାରା ପରଜୀବୀମାନଙ୍କ ଜୀବନଚକ୍ରକୁ ଭଙ୍ଗାଯାଇ ପାରିବ

ମାଛ ପୋଖରୀରେ ଯାଆଁଳମାନଙ୍କ ର ସ୍ବତନ୍ତ୍ର ଯତ୍ନ ନେବା ଆବଶ୍ୟକ

ପୋଖରୀରୁ ପରଜୀବୀମାନଙ୍କ ର ସଂକ୍ରମଣ ଯୋଗ୍ୟ ଅବସ୍ଥାକୁ ସମ୍ପୂର୍ଣ ମାରି ଦେଲେ ରୋଗ ହେବା ଆଶଙ୍କା କମିଯାଏ

**ପ୍ରାଣୀ :**ଶୀତଦିନରେ ଗାଈମାନଙ୍କ ଠାରେ ଭୂତାଣୁ ଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ ।

ସେଥିପାଇଁ ଉକ୍ତ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରି ଟୀକା ଦିଆନ୍ତୁ ।

ଗାଈ ଛେଳି ମେଣ୍ଢା କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇପାରିବେ ।

ଛେଳି ଥିବା ଘରେ ତଳେ ଭାଡି ବା ବାଉଁଶ ଚାଞ୍ଚଡାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଭିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍।ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*